بسم الله الرحمٰن الرحيم

**ଖୁତ୍‌ବା ଜୁମା ୨ ସେପ୍ଟେମ୍ବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ ୟୁ.କେ**

## ହ. ଅବୁ ବକର ର.ଅଙ୍କ କାଳରେ ଆରବ ସୀମା ବାହାରେ ବିରୋଧୀ ଆକ୍ରମଣକାରୀଙ୍କ ବିରୁଦ୍ଧରେ ହୋଇଥିବା ଯୁଦ୍ଧର ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହ୍‌ମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ହ. ଅବୁ ବକର ର.ଅଙ୍କ ଖିଲାଫତ୍ କାଳରେ ହୋଇଥିବା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ତତ୍‌ସଂକ୍ରାନ୍ତରେ ଦମିଶ୍କ ବିଜୟ ଯାହାକି ୧୩ ହିଜ୍‌ରୀରେ ହୋଇଥିଲା ସେ ସଂପର୍କରେ କେତେକ ସବିଶେଷ ବିବରଣୀ ପ୍ରଦାନ କରିବି । ହ. ଅବୁ ବକର ର.ଅଙ୍କ କାଳରେ ଯେତେସବୁ ଯୁଦ୍ଧ ହୋଇଥିଲା ଏହା ଥିଲା ତାଙ୍କର ସର୍ବଶେଷ ଯୁଦ୍ଧ ।

ହ. ଅବୁ ବକର ର.ଅ ସିରୀୟା ଅଭିମୁଖେ ବିଭିନ୍ନ ସୈନ୍ୟସାମନ୍ତ ପ୍ରେରଣ କରିଥିଲେ । ସେହି କ୍ରମରେ ହ. ଅବୁ ଉବୈଦାହ୍ ର.ଅଙ୍କୁ ସିରୀୟାର ଅମୀର ନିଯୁକ୍ତ କରି ଦମିଶ୍କ ନିକଟବର୍ତ୍ତୀ ସିରୀୟାର ପ୍ରାଚୀନ, ପ୍ରସିଦ୍ଧ ଏବଂ ବୃହତ୍ ସହର ହିମସ୍ ଠାରେ ପହଞ୍ଚିବାର ଆଦେଶ ଦେଇଥିଲେ । ହ. ଅବୁ ବକର ର.ଅଙ୍କ ଆଦେଶ କ୍ରମେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଦମିଶ୍କ ଠାରେ ପହଞ୍ଚି ଅନ୍ୟ ଇସ୍‌ଲାମୀୟ ସୈନ୍ୟଙ୍କ ସହିତ ମିଶି ଉକ୍ତ ସହରର ଘେରାଉ କରିନେଲେ । ଏହି ଘେରାଉକୁ ୨୦ ଦିନ ବିତି ଯାଇଥିଲେ ସୁଦ୍ଧା ସେଥିରୁ କୌଣସି ଆଶାନୁରୂପ ଫଳାଫଳ ବାହାରି ପାରି ନଥିଲା । ସେହି ସମୟରେ ମୁସଲମାନମାନଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, ସମ୍ରାଟ ହିର୍କଲ୍ ଅଜ୍‌ନାଦୈନ୍ ନାମକ ସ୍ଥାନରେ ଏକ ବିଶାଳ ସୈନ୍ୟବାହିନୀ ଏକତ୍ରିତ କରିଛି । ଉକ୍ତ ଖବରଟି ଶୁଣିବା ପରେ ହ. ଖାଲିଦ୍ ର.ଅ ପୂର୍ବୋତ୍ତର ଦ୍ୱାରରୁ ପ୍ରସ୍ଥାନ କରି ଯାବିୟାର ଦ୍ୱାର ମଧ୍ୟ ଦେଇ ହ. ଅବୁ ଉବୈଦାହ୍‌ଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ପରିସ୍ଥିତି ସଂପର୍କରେ ଅବଗତ କରାଇ ନିଜର ମତ ରଖିଲେ ଯେ, ଆମେମାନେ ଦମିଶ୍କର ଘେରାଉକୁ ପରିତ୍ୟାଗ କରି ଅଜ୍‌ନାଦୈନ୍ ଠାରେ ରୋମୀୟ ସୈନ୍ୟ ସହିତ ଲଢିବୁ ଏବଂ ଅଲ୍ଲାଃତାଲା ଯଦି ଆମମାନଙ୍କୁ ବିଜୟ ପ୍ରଦାନ କରନ୍ତି ତେବେ ଆମେମାନେ ପୁନଃ ଏଠାକୁ ଫେରି ଆସିବୁ । ହ. ଅବୁ ଉବୈଦାହ୍ ର.ଅ କହିଲେ; ମୋର ମତ ଏହାର ବିପରୀତ ଅଟେ । ହ. ଖାଲିଦ୍ ର.ଅ ହ. ଅବୁ ଉବୈଦାହ୍ ର.ଅଙ୍କ ମତରେ ଏକମତ ହେଲେ ଏବଂ ଦୁର୍ଗର ଘେରାଉ ଜାରି ରଖିଲେ । ଏହିପରି ଭାବରେ ଦୁର୍ଗ ଘେରାଉକୁ ୨୧ ଦିନ ଅତିକ୍ରାନ୍ତ ହୋଇଗଲା ହ. ଖାଲିଦ୍ ର.ଅ ମୁସଲମାନମାନଙ୍କୁ ଶତ୍ରୁ ଉପରେ ଆକ୍ରମଣ କରିବାକୁ ଆହୁରି ତୀବ୍ରତର କରିବା ନିମନ୍ତେ ଅନୁପ୍ରାଣିତ କରି ସ୍ୱୟଂ ପୂର୍ବ ଦ୍ୱାର ଦେଇ କ୍ରମାଗତ ଭାବରେ ଆକ୍ରମଣ କଲେ । ସେ ଯୁଦ୍ଧରେ ଏଭଳି ଭାବରେ ନିମଜ୍ଜିତ ହୋଇ ଯାଇଥିଲେ ଯେ, ସେ ଏହା ଅବଲୋକନ କଲେ ଯେ, ଦୁର୍ଗର କାନ୍ଥଗୁଡ଼ିକ ଉପରେ ଯେଉଁ ରୋମୀୟ ସୈନ୍ୟମାନେ ମୁତୟନ ହୋଇଥିଲେ ସେମାନେ ସହସା ତାଳିମାରି ନାଚିବାକୁ ଲାଗିଲେ ଏବଂ ସେମାନେ ଲମ୍ଫମାରି ଆନନ୍ଦିତ, ଉଲ୍ଲସିତ ହୋଇ ଉଠିଲେ । ମୁସଲମାନମାନେ ହତଚକିତ ହୋଇ ସେମାନଙ୍କୁ ଦେଖିବାକୁ ଲାଗିଲେ । ଯେତେବେଳେ ହ. ଖାଲିଦ୍ ର.ଅ ଏକ ଦିଗକୁ ଚାହିଁ ଆକାଶରେ ବହୁତ ଧୂଳି ଉଡୁଥିବାର ଲକ୍ଷ୍ୟ କଲେ ଓ ଆକାଶ ସଂପୂର୍ଣ୍ଣ ରୂପେ ମେଘ ମାଳାରେ ଅନ୍ଧକାରପୂର୍ଣ୍ଣ ଭଳି ପ୍ରତିୟମାନ ହେଉଛି ସେତେବେଳେ ଆପଣ ର.ଅ ସହସା ଏହା ବୁଝିନେଲେ ଯେ, ଦମିଶ୍କବାସୀଙ୍କ ସାହାଯ୍ୟ ନିମନ୍ତେ ସମ୍ରାଟ ହିର୍କଲ୍‌ର ସୈନ୍ୟବାହିନୀ ଅସୁଛି ।

ହ. ଖାଲିଦ୍ ର.ଅ ଶୀଘ୍ର ହ. ଅବୁ ଉବୈଦାହ୍ ର.ଅଙ୍କୁ ପରିସ୍ଥିତି ସଂପର୍କରେ ଅବଗତ କରାଇ କହିଲେ ଯେ, ମୁଁ ସମଗ୍ର ସୈନ୍ୟସାମନ୍ତକୁ ନେଇ ସମ୍ରାଟ ହିର୍କଲର ପ୍ରେରିତ ସୈନ୍ୟମାନଙ୍କ ସହିତ ଯୁଦ୍ଧ ଲଢିବା ପାଇଁ ଯିବି । ଅତଏବ ଉକ୍ତ ପ୍ରସଙ୍ଗରେ ଆପଣ ର.ଅଙ୍କ କ'ଣ ମତାମତ ରହିଛି ? ହ. ଅବୁ ଉବୈଦାହ୍ ର.ଅ କହିଲେ ଯେ, ଏହା ଉଚିତ ହେବ ନାହିଁ । କାରଣ ଆମେ ଯଦି ଏହି ସ୍ଥାନରୁ ହଟିଲୁ ତେବେ ଦୁର୍ଗବାସୀ ବାହାରକୁ ଆସି ଆମ ସହିତ ଯୁଦ୍ଧ କରିବେ । ଫଳତଃ

ଆମେମାନେ ଦୁଇଟି ରୋମୀୟ ସୈନ୍ୟବାହିନୀଙ୍କ ଦ୍ୱାରା ରଚିତ ଚକ୍ରବ୍ୟୁହରେ ଫସିଯିବୁ । ଅତଏବ ହ. ଖାଲିଦ୍ ର.ଅ ଅତିରିକ୍ତ ପରାମର୍ଶ ତଥା ମତାମତ ଲୋଡ଼ିବାରୁ ଆପଣ ର.ଅ କହିଲେ; ତୁମେମାନେ ଏକ ବୀର ଓ ସାହସୀ ବ୍ୟକ୍ତି ଚୟନ କର ଏବଂ ତା' ସହିତ ଦଳେ ଲୋକଙ୍କୁ ଶତ୍ରୁ ବିପକ୍ଷରେ ଯୁଦ୍ଧ କରିବା ପାଇଁ ପ୍ରେରଣ କର । ସୁତରାଂ ଆପଣ ର.ଅ ହ. ଜିରାର୍ ବିନ୍ ଅଜ୍ୱର୍ ର.ଅଙ୍କୁ ୫୦୦ ସୈନ୍ୟସାମନ୍ତ ଯୋଗାଇ ଦେଇ ରୋମୀୟ ସୈନ୍ୟବାହିନୀ ସହିତ ମୁକାବିଲା କରିବା ପାଇଁ ପ୍ରେରଣ କଲେ । ଅନ୍ୟ ଏକ ବର୍ଣ୍ଣନାରେ ସେହି ସୈନ୍ୟସାମନ୍ତଙ୍କ ସଂଖ୍ୟା ପ୍ରାୟ ୫୦୦୦ ଥିବାର ବୋଲି ଦର୍ଶାଯାଇଛି ।

ମୁସଲମାନମାନେ ଅତ୍ୟନ୍ତ ସାହାସିକତାର ସହିତ ରୋମୀୟ ସୈନ୍ୟବାହିନୀ ଉପରେ ଅହରହ ପ୍ରହାର ଏବଂ ଅତର୍କିତ ଆକ୍ରମଣ ମଧ୍ୟ କଲେ । ରୋମୀୟ ସେନାପତିର ପୁତ୍ର ହ. ଜିରାର୍ ର.ଅଙ୍କ ଉପରକୁ ଆକ୍ରମଣେ କଲେ ଏବଂ ଆପଣ ର.ଅଙ୍କ ବାମ ବାହୁରେ ବର୍ଚ୍ଛା ନିକ୍ଷେପ କଲା । ଯଦ୍ୱାରା ରକ୍ତ ଦ୍ରୁତ ଗତିରେ ବହିବାକୁ ଲାଗିଲା । କିନ୍ତୁ ଅପର ମୁହୂର୍ତ୍ତରେ ଆପଣ ର.ଅ ତା' ଛାତିରେ ବର୍ଚ୍ଛା ନିକ୍ଷେପ କରି ତା'ର ବଦ୍ଧ କରିଦେଲେ । ଫଳତଃ ବର୍ଚ୍ଛା ତା' ବକ୍ଷରେ ହିଁ ଫସି ରହିଲା ଏବଂ ବର୍ଚ୍ଛାର ଅଗ୍ରଭାଗ ଭାଙ୍ଗିଗଲା, ଯେତେବେଳେ ରୋମୀୟ ସୈନ୍ୟମାନେ ହ. ଜିରାର୍ ର.ଅଙ୍କ ବର୍ଚ୍ଛାର ମୁନ ଭାଙ୍ଗି ଯାଇଥିବା ଦେଖିଲେ ସେତେବେଳେ ସେମାନେ ସମସ୍ତେ ହ. ଜିରାର୍ ର.ଅଙ୍କ ଉପରେ ଆକ୍ରମଣ କଲେ ଏବଂ ଆପଣ ର.ଅଙ୍କୁ ବନ୍ଦୀ କରିଦେଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଯେତେବେଳେ ଉକ୍ତ ଘଟଣାର ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ର.ଅ ବହୁତ ଚିନ୍ତିତ ହେଲେ ଏବଂ  ନିଜ ସାଥିମାନଙ୍କ ଠାରୁ ରୋମୀୟ ସୈନ୍ୟବାହିନୀ ସଂପର୍କରେ ଖବର ସଂଗ୍ରହ କରି ହ. ଅବୁ ଉବୈଦାହ୍ ର.ଅଙ୍କ ଠାରୁ ମତାମତ ଲୋଡ଼ିଲେ । ହ. ଅବୁ ଉବୈଦାହ୍ ର.ଅ କହିଲେ ; ହେ ଖାଲିଦ୍ ର.ଅ ! ଆପଣ ଦମିଶ୍କ ଘେରାଉର ଯଥୋଚିତ ବ୍ୟବସ୍ଥା କରି ଆକ୍ରମଣ କରିପାରିବେ ।

ସେହି ସମୟରେ ସୈନ୍ୟବାହିନୀର ଆଗରେ ଲୋହିତ ବର୍ଣ୍ଣର ଅଶ୍ୱ ଉପରେ ଆରୋହଣ ହୋଇ ଏବଂ ସାଞ୍ଜୁ ଢାଲ ଆଦି ଯୁଦ୍ଧ ପୋଷାକ ପରିଧାନ କରିଥିବା ଏକ ଅଜ୍ଞାତ ଅଶ୍ୱାରୋହୀ ଦିଶିଲା । ଯାହାର ଶାରୀରିକ ହାବଭାବରୁ ସାହାସିକତା, ଚାତୁର୍ଯ୍ୟତା ଏବଂ ଯୁଦ୍ଧୀୟ ଅଭିଜ୍ଞତା ପ୍ରକାଶ୍ୟ ହେଉଥିଲା । ହ. ଖାଲିଦ୍ ର.ଅ ଏହି ଅଭିଳାଷା କଲେ  ଯେ, ଏପରି ହୁଅନ୍ତା କି ମୁଁ ଜାଣି ନିଅନ୍ତିକି ଏହି ଅଶ୍ୱାରୋହୀ ଜଣକ କିଏ ? ଇସ୍‌ଲାମୀୟ ସୈନ୍ୟବାହିନୀ ଯେତେବେଳେ ଶତ୍ରୁ ନିକଟବର୍ତ୍ତୀ ହେଲା ସେତେବେଳେ ସେମାନଙ୍କ ଉପରେ ଏଭଳି ସାହାସକିତା ଏବଂ ବୀରତ୍ୱର ସହିତ ଆକ୍ରମଣ କଲା ଯେଭଳି ବାଜ ପକ୍ଷୀମାନଙ୍କ ଉପରେ ଆକ୍ରମଣ କରିଥାଏ । ଏହିପରି ଭାବରେ ତା'ର ଗୋଟିଏ ଆକ୍ରମଣ ଦ୍ୱାରା ଶତ୍ରୁ ସୈନ୍ୟବାହିନୀ ମନରେ ଏକ ଛନକା ପଶିଗଲା ଏବଂ ପରେ ନିହତ ବ୍ୟକ୍ତିଙ୍କର ଏକ ଶବ ସ୍ତୁପ ଏକତ୍ରିତ ହୋଇଗଲା । ହ. ଖାଲିଦ୍ ର.ଅଙ୍କ ଅନୁରୋଧପୂର୍ବକ ଏବଂ ପଚାରିବା ଫଳରେ ସେ କହିଲା ଯେ, ମୁଁ ଜିରାର୍ ର.ଅଙ୍କ ଭଉଣୀ ଖୌଲା ବିନତ୍ ଅଜ୍‌ୱର୍ ଅଟେ । ଯେତେବେଳେ ମୋ ଭାଇ ଗିରଫ ହୋଇଛି ବୋଲି ସୂଚନା ପାଇଲି ସେତେବେଳେ ମୁଁ ତାହା ହିଁ କଲି ଯାହା ଆପଣ ଦେଖିଲେ ।

ହ. ଖାଲିଦ୍ ର.ଅଙ୍କ ଅହରହ ଏବଂ ଅତର୍କିତ ଆକ୍ରମଣ କରିବା ଫଳରେ ରୋମୀୟମାନଙ୍କର ପାଦ ଯୁଦ୍ଧ କ୍ଷେତ୍ରରୁ ଉପୁଡ଼ିଗଲା ଅର୍ଥାତ ସେମାନେ ଆଉ ଯୁଦ୍ଧ କ୍ଷେତ୍ରରେ ତିଷ୍ଠି ପାରିଲେ ନାହିଁ । ଫଳତଃ ସେମାନେ ଇତସ୍ତତଃ ବିକ୍ଷିପ୍ତ ହୋଇଗଲେ । ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଥିବା ହ. ରାଫେ ର.ଅଙ୍କୁ ହ. ଖାଲିଦ୍ ର.ଅ କହିଲେ ଯେ, ତୁମେ ବାଟ ସଂପର୍କରେ ଭଲ ଭାବରେ ପରିଚିତ ଅଟ । ତୁମେମାନେ ନିଜ ମନମାଫିକ୍ ସୈନ୍ୟ ଯୋଦ୍ଧାଙ୍କୁ ନେଇ ହିମସ୍ ପହଞ୍ଚିବା ପୂର୍ବରୁ ହ. ଜିରାର୍ ର.ଅଙ୍କୁ ଶତ୍ରୁ କବଳରୁ ଉଦ୍ଧାର କରିବ ଏବଂ ନିଜ ପାଳନକର୍ତ୍ତାଙ୍କ ନିକଟରୁ ଏହାର ପ୍ରତିବଦଳ ପାଅ । ହ. ରାଫେ ର.ଅ ବର୍ତ୍ତମାନ ଯାଇନଥିଲେ କି ହ. ଖୌଲା ମଧ୍ୟ ବହୁତ୍ ଅନୁରୋଧ କଲେ ଯେ, ସେ ତାଙ୍କୁ ନେଇ ଯାଆନ୍ତୁ । ତେଣୁ ହ. ଖୌଲା ର.ଅ ହ. ରାଫେ ର.ଅଙ୍କ ସହିତ ଯିବା ନିମନ୍ତେ ଅନୁମତି ଲୋଡ଼ିଲେ । ଏହି ଆକ୍ରମଣ ଫଳରେ ହ. ଜିରାର୍ ର.ଅଙ୍କୁ ଅଲ୍ଲାଃତାଲା କାରାମୁକ୍ତ କରିଥିଲେ ।

ଅପର ପକ୍ଷେ ଇସ୍‌ଲାମୀୟ ସୈନ୍ୟ ଦମିଶ୍କ ଠାରେ ଅବସ୍ଥାନ କରିଥିଲା ଏବଂ ଦୁର୍ଗର ଘେରାଉ ପ୍ରକ୍ରିୟା ଜାରି ରହିଥିଲା କି ବସ୍ରାରୁ ହ. ଅବାଦ୍ ବିନ୍ ସଇଦ୍ ର.ଅ ହ. ଖାଲିଦ୍ ର.ଅଙ୍କ ନିକଟକୁ ଆସିଲେ ଏବଂ ଏହି ସୂଚନା ଦେଲେ ଯେ, ରୋମୀୟମାନଙ୍କ ୯୦ ହଜାର ସୈନ୍ୟସାମନ୍ତ ଅଜ୍‌ନାଦୈନ୍ ଠାରେ ଏକତ୍ରିତ ହୋଇଛନ୍ତି । ଯେତେବେଳେ ହ. ଖାଲିଦ୍ ର.ଅ ହ. ଅବୁ ଉବୈଦାହ୍ ର.ଅଙ୍କ ସହିତ ପରାମର୍ଶ କରି କହିଲେ ଯେ, ଆମମାନଙ୍କର ସୈନ୍ୟଦଳ ସିରୀୟାର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ହୋଇଯାଇଛି । ତେଣୁ ସେହି ସମସ୍ତ ସୈନ୍ୟଙ୍କ ନିକଟକୁ ପତ୍ର ଲେଖିଦିଅ ଯେ, ସେମାନେ

ସମସ୍ତେ ଆସି ଆମକୁ ଅଜ୍ନାଦୈନ୍ ଠାରେ ଦେଖା କରନ୍ତୁ ଏବଂ ଆମେ ମଧ୍ୟ ବର୍ତ୍ତମାନ ଦମିଶ୍କ ଦୁର୍ଗର ଘେରାଉକୁ ପରିତ୍ୟାଗ କରି ଅଜ୍ନାଦୈନ୍ ଆଡ଼କୁ ପ୍ରସ୍ଥାନ କରିବୁ । ଏପଟରେ ମୁସଲମାନ ସୈନ୍ୟବାହିନୀ ପ୍ରସ୍ଥାନ କଲା ଓ ସେପଟରେ ଦମିଶ୍କବାସୀ ସମ୍ରାଟ ହିର୍କଲ୍‌ର ଅତ୍ୟନ୍ତ ବିଶ୍ୱସ୍ତ ଏବଂ ସର୍ବୋଚ୍ଚ ଶ୍ରେଣୀର ବୋଲିସ୍ ନାମକ ଜଣେ ଧନୁର୍ଦ୍ଧର ବ୍ୟକ୍ତି ନିକଟରେ ଏକତ୍ରିତ ହୋଇଗଲେ । ବୋଲିସ୍ ଏହାପୂର୍ବରୁ କୌଣସି ଯୁଦ୍ଧରେ ସାହାବାମାନଙ୍କ ସମ୍ମୁଖକୁ ଆସି ନଥିଲା । ଅତଏବ ସମ୍ରାଟ ହିର୍କଲ୍ ଓ ଦମିଶ୍କବାସୀ ବୋଲିସ୍‌କୁ ନିଜର ଅମୀର ଚୟନ କଲେ ଏବଂ ନାନା ପ୍ରକାରର ଲୋଭ ଓ ଲାଞ୍ଚ ଦେଇ ତା'କୁ ଯୁଦ୍ଧ ନିମନ୍ତେ ରାଜି କରାଇଲେ। ସେ ତୁରନ୍ତ ୬୦୦୦ ଅଶ୍ୱାରୋହୀ ଓ ୧୦,୦୦୦ ପଦାତିକ ସୈନ୍ୟଙ୍କୁ ଧରି ମୁସଲମାନମାନଙ୍କ ବିପକ୍ଷରେ ଯୁଦ୍ଧ ପାଇଁ ବାହାରି ପଡ଼ିଲା । ହ. ଅବୁ ଉବୈଦାହ୍ ର.ଅ ବୋଲିସ୍ ସହିତ ଯୁଦ୍ଧରେ ବ୍ୟସ୍ତ ଥିବା ସମୟରେ ବିଭିନ୍ନ ଅଞ୍ଚଳରୁ ଆଗନ୍ତୁକ ମୁସଲମାନ ସୈନ୍ୟବାହିନୀ ଏଭଳି ଆକ୍ରମଣ କଲେ ଯେ, ଦମିଶ୍କ ଠାକୁ ଆସି ମୁସଲମାନମାନଙ୍କ ଉପରେ ଆକ୍ରମଣ କରୁଥିବା ରୋମୀୟ ସୈନ୍ୟଙ୍କୁ ନିଜ ତିରସ୍କାରର ବିଶ୍ୱାସ ହୋଇଗଲା । ହ. ଜିରାର୍ ର.ଅ ଅଗ୍ନୀଶିଖା ପରି ଅର୍ଥାତ ଦ୍ରୁତ ବେଗରେ ବୋଲିସ୍ ଆଡ଼କୁ ଅଗ୍ରସର ହେଲେ । ବୋଲିସ୍ ଯେତେବେଳେ ହ. ଜିରାର୍ ର.ଅଙ୍କୁ ଦେଖିଲା ସେତେବେଳେ ସେ ସିହରି ଉଠିଲା ଏବଂ ଖାଲି ପାଦରେ ଖସି ପଳାୟନ କଲା । ହ. ଜିରାର୍ ର.ଅ ତା'ର ପିଛା କଲେ ଏବଂ ତା'କୁ ବନ୍ଦୀ କରିନେଲେ । ଉକ୍ତ ଯୁଦ୍ଧରେ ଅବିଶ୍ୱାସକାରୀଙ୍କ ୬୦୦୦ ମୃତାହତ ସୈନ୍ୟଙ୍କ ମଧ୍ୟରୁ ଅତି କମରେ ୧୦୦ ଜଣ ସୈନ୍ୟ ଜୀବିତ ରହିଲେ । ଅପର ପାର୍ଶ୍ୱରେ ବୋଲିସ୍‌ର ଭାଇ ବୁତ୍ରସ୍ ପଦାତିକ ସୈନ୍ୟବାହିନୀଙ୍କ ସହିତ ମୁସଲମାନ ମହିଳାମାନଙ୍କ ଆଡ଼କୁ ଅଗ୍ରସର ହେଲା ଏବଂ କେତେକ ମହିଳାଙ୍କୁ ଗିରଫ କରି ଦମିଶ୍କ ଆଡ଼କୁ ଫେରିଗଲା । ହ. ଜିରାର ର.ଅ ହ. ଖୌଲା ର.ଅଙ୍କ ବନ୍ଦୀ ହେବା ଯୋଗୁଁ ବହୁତ ଚିନ୍ତିତ ଥିଲେ । ଏହା ଦେଖି ହ. ଖାଲିଦ୍ ର.ଅ ହ. ଜିରାର୍ ର.ଅଙ୍କୁ ଏହି ଆଶ୍ୱାସନା ଦେଲେ ଯେ, ଆପଣ ଆଦୌ ବ୍ୟସ୍ତ ଓ ଚିନ୍ତିତ ହୁଅନ୍ତୁ ନାହିଁ । ସେହିପରି ସେ ୨ ହଜାର ସିପାହୀଙ୍କୁ ନିଜ ସାଙ୍ଗରେ ନେଲେ ଏବଂ ଅନ୍ୟ ସମସ୍ତ ସୈନ୍ୟଙ୍କୁ ହ. ଅବୁ ଉବୈଦାହ୍ ର.ଅଙ୍କୁ ହସ୍ତାନ୍ତର କରିଦେଲେ । କାରଣ ମହିଳାମାନେ ଯେପରି ସୁରକ୍ଷିତ ରହନ୍ତୁ ଏବଂ ସ୍ୱୟଂ ମଧ୍ୟ ବନ୍ଦୀ ମୁସଲମାନ ମହିଳାଙ୍କ ସନ୍ଧାନରେ ବାହାରି ପଡ଼ିଲେ ।

ହ. ଜିରାର୍ ର.ଅ ଯେତେବେଳେ ବନ୍ଦୀ ମୁସଲମାନ ମହିଳାମାନଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ସେ ଏହା ଦେଖିଲେ ଯେ, ସେଠାରେ ବହୁତ ଧୂଳି ଉଡୁଛି । ହ. ଜିରାର୍ ର.ଅ ଆଶ୍ଚର୍ଯ୍ୟ ଚକିତ ହେଲେ ଯେ, ଏଠାରେ ଯୁଦ୍ଧ କାହିଁକି ହେଉଛି ? ଅନୁସନ୍ଧାନ କରିବାରୁ ଏହା ଜଣାପଡ଼ିଲା ଯେ, ବୁତ୍ରସ୍ ମହିଳାମାନଙ୍କୁ ଗିରଫ କରି ଏକ କେନାଲ୍ ନିକଟରେ ନିଜର ଭାଇ ବୋଲିସ୍ ଅପେକ୍ଷାରେ ଅଟକି ଯାଇଥିଲା ଏବଂ ବର୍ତ୍ତମାନ ସେମାନେ ମହିଳାମାନଙ୍କୁ ପରସ୍ପର ମଧ୍ୟରେ ବାଣ୍ଟିବାକୁ ଲାଗିଥିଲେ । ସେହି ମହିଳାମାନଙ୍କ ମଧ୍ୟରୁ ଅନେକ ସାହସୀ, ଅଭିଜ୍ଞ ଅଶ୍ୱାରୋହିଣୀ ଏବଂ ପ୍ରତ୍ୟେକ ପ୍ରକାରର ଯୁଦ୍ଧ କୌଶଳ ସଂପର୍କରେ ଭଲ ଭାବରେ ଅବଗତ ଥିଲେ । ଏହି ମୁସଲମାନ ମହିଳାମାନେ ପରସ୍ପର ମଧ୍ୟରେ ମେଣ୍ଟ କଲେ ଏବଂ ହ. ଖୌଲା ର.ଅ ସେମାନଙ୍କୁ ସମ୍ବୋଧିତ କରି ଅତ୍ୟନ୍ତ ଉତ୍ସାହଭିମାନୀର ଦ୍ୱାହି ଦେଲେ ଏବଂ ସମର୍ଥନକୁ ବୃଦ୍ଧି କଲେ । ସେହିପରି ଶିବିର ମଧ୍ୟସ୍ଥ ଖମ୍ବ ସାହାଯ୍ୟରେ ଝିଞ୍ଜିର ପରି ଶତ୍ରୁ ଉପରେ ଆକ୍ରମଣ କଲେ । ରୋମୀୟମାନେ ମୁସଲମାନ ମହିଳାମାନଙ୍କର ଅପୂର୍ବ ବୀରତ୍ୱ ଓ ସାହାସିକତାକୁ ଦେଖି ଅଶ୍ଚର୍ଯ୍ୟଚକିତ ହୋଇଗଲେ । ଶତ୍ରୁ ପୁନର୍ବାର ପ୍ରସ୍ତୁତ ହେଲା ସତ' କିନ୍ତୁ ଆକ୍ରମଣ କରିବା ପୂର୍ବରୁ ହିଁ ମୁସଲମାନ ସୈନ୍ୟବାହିନୀ ହ. ଖାଲିଦ୍ ର.ଅଙ୍କ ନେତୃତ୍ୱରେ ସେଠାରେ ଆସି ପହଞ୍ଚିଗଲେ । ଯେତେବେଳେ ବୁତ୍ରସ୍ ମୁସଲମାନ ସୈନ୍ୟବାହିନୀଙ୍କୁ ଦେଖିଲା ସେତେବେଳେ ସେ ଚିନ୍ତିତ ତଥା ବିବ୍ରତ ହୋଇ ପଳାୟନ କଲା । ହ. ଜିରାର୍ ର.ଅ ବର୍ଛାର ପ୍ରାଣଘାତି ଅକ୍ରମଣ ଦ୍ୱାରା ତା'କୁ ଧରାଶାୟୀ କରି ତା'ର ବଧ କରିଦେଲେ । ଏହିପରି ଭାବରେ ବୋଲିସ୍ ମଧ୍ୟ ନିଜ ଭାଇ ବୁତ୍ରସ୍‌ର ଏହି ପାରିଣାମ ସଂପର୍କରେ ଶୁଣି ସ୍ୱଇଚ୍ଛାରେ ହ. ଖାଲିଦ୍ ର.ଅଙ୍କ ହସ୍ତରେ ନିହତ ହେଲା।

ଅଜ୍ନାଦୈନ୍ ବିଜୟ ପରେ ହ. ଖାଲିଦ୍ ର.ଅ ଇସ୍‌ଲାମୀୟ ସୈନ୍ୟବାହିନୀକୁ ପୁନଃ ଦମିଶ୍କ ଅଭିମୁଖେ ପ୍ରସ୍ଥାନ କରିବା ପାଇଁ ଆଦେଶ ଦେଲେ । ଦମିଶ୍କବାସୀଙ୍କୁ ଅଜ୍ନାଦୈନ୍ ଠାରେ ସ୍ଥିତ ରୋମୀୟ ସୈନ୍ୟବାହିନୀ ସଂପର୍କରେ ବହୁ ପୂର୍ବରୁ ହିଁ ସୂଚନା ପ୍ରାପ୍ତ ହୋଇଯାଇଥିଲା । କିନ୍ତୁ ସେମାନେ ଯେତେବେଳେ ଏହା ଶୁଣିଲେ ଯେ, ମୁସଲମାନ ସୈନ୍ୟବାହିନୀ ଆସୁଛି ସେତେବେଳେ ସେମାନେ ବ୍ୟସ୍ତ ବିବ୍ରତ ହୋଇଗଲେ । ଦମିଶ୍କର ଆଖପାଖରେ ବସବାସ କରୁଥିବା ବାସୀନ୍ଦାମାନେ ଦୁର୍ଗ ମଧ୍ୟକୁ ପଳାୟନ କରି ଆସି ଦୁର୍ଗ ମଧ୍ୟରେ ଆଶ୍ରୟ ନେଲେ । ସେମାନେ ବହୁ ସଂଖ୍ୟକ

ଖାଦ୍ୟ ଶସ୍ୟ ଏବଂ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ଏକତ୍ରିତ କରିନେଲେ । ସେହିପରି ଏହା ବ୍ୟତୀତ ସେମାନେ ଯୁଦ୍ଧୀୟ ଅସ୍ତ୍ରଶସ୍ତ୍ର ମଧ୍ୟ ଏକତ୍ରିତ କରନେଲେ । କାରଣ ଏହି ଅସ୍ତ୍ରଶସ୍ତ୍ର ଦ୍ୱାରା ଘେରାଉ କରିଥିବା ସୈନ୍ୟ ଉପରେ ଆକ୍ରମଣ କରାଯାଇ ପାରିବ । ଇସ୍‌ଲାମୀୟ ସୈନ୍ୟବାହିନୀ ଦମିଶ୍କ ନିକଟବର୍ତ୍ତୀ ସ୍ଥାନରେ ଶିବିର ଲଗାଇଲେ । ପୁନଶ୍ଚ ଆଗକୁ ଅଗ୍ରସର ହୋଇ ଦୁର୍ଗର ଘେରାଉ କରିନେଲେ । ଦମିଶ୍କର ଅଧିପତି ଓ ବୁଦ୍ଧିଜୀବୀମାନେ ନିଜର ଶାସକ ଟୋମା (ମହାନ୍ ହିର୍କଲ୍‌ର ଜ୍ୱାଇଁ) ଠାରୁ ସାହାଯ୍ୟ ଲୋଡ଼ିବା ପାଇଁ ଅବା ମୁସଲମାନମାନଙ୍କ ସହିତ ସନ୍ଧି ସ୍ଥାପନ ନିମନ୍ତେ ପରାମର୍ଶ ଦେଲେ। କିନ୍ତୁ ସେ ଗର୍ବ ଏବଂ ଅହଂକାର ପ୍ରଦର୍ଶନ କରି ଦୃଢମନା ହୋଇ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଆଦେଶ ଦେଲା । ଏହି ଯୁଦ୍ଧ ସମୟରେ ଅନେକ ମୁସଲମାନମାନେ ଆହତ ହେଲେ ଏବଂ ବୀରଗତି ମଧ୍ୟ ପ୍ରାପ୍ତ କଲେ, ତନ୍ମଧ୍ୟରୁ ହ. ଅବାନ୍ ବିନ୍ ସଇଦ୍ ମଧ୍ୟ ଜଣେ ମୁସଲମାନ ସିପାହୀ ଥିଲେ । ଯାହାଙ୍କ ନବବଧୂ ହ. ଉମ୍ମେ ଅବାନ୍ ର.ଅ ଅପୂର୍ବ ଧୈର୍ଯ୍ୟ ଏବଂ ବୀରତ୍ୱ ଓ ଅବିଚଳତା ପ୍ରଦର୍ଶନପୂର୍ବକ ଘମାଘୋଡ଼ ଯୁଦ୍ଧ ଲଢିଲେ ଏବଂ ନିଜ ତୀର ମାଧ୍ୟମରେ ଅନେକ ରୋମୀୟ ସୈନ୍ୟଙ୍କୁ ମୃତ୍ୟୁର ସ୍ୱାଦ ଆସ୍ୱାଦନ କରାଇଲେ । ସେହିପରି ଆପଣ ର.ଅଙ୍କୁ ଯେତେବେଳେ ଆକ୍ରମଣ କରିବା ପାଇଁ ଅବସର ମିଳିଲା ସେତେବେଳେ ସେ ଟୋମାର ଆଖିକୁ ଲକ୍ଷ୍ୟ କରି ତୀର ମାରିଲେ ଏବଂ ସବୁଦିନ ପାଇଁ ତା'କୁ ଗୋଟିଏ ଆଖିରୁ ଅନ୍ଧ କରିଦେଲେ । ଫଳତଃ ସେ ନିଜ ସୈନ୍ୟ ସମେତ ଦୁର୍ଗ ମଧ୍ୟକୁ ଫେରିଆସି ଦୁର୍ଗ ମଧ୍ୟରେ ଶରଣ ନେବା ପାଇଁ ବାଧ୍ୟ ହୋଇଥିଲା ।

ମୁସଲମାନମାନେ ଦମିଶ୍କର ଘେରାଉ ଜାରି ରଖିଲେ । ଏପର୍ଯ୍ୟନ୍ତକି ଦମିଶ୍କବାସୀଙ୍କୁ ଏହି ବିଶ୍ୱାସ ହୋଇଗଲା ଯେ, ସେମାନଙ୍କୁ ଆଉ ବାହ୍ୟ ଦିଗରୁ କୌଣସି ସାହାଯ୍ୟ ପ୍ରାପ୍ତ ହୋଇପାରିବ ନାହିଁ । ଯଦ୍ୱାରାକି ସେମାନଙ୍କ ମଧ୍ୟରେ ଦୁର୍ବଳତା ଏବଂ ଭୀରୁତା ସୃଷ୍ଟି ହୋଇଗଲା । ସେହିପରି ସେମାନେ ଆଉ ଅତିରିକ୍ତ ପରିଶ୍ରମ କରିବାକୁ ଇଚ୍ଛା କଲେ ନାହିଁ ଏବଂ ପରିଶ୍ରମ କରିବାକୁ ସେମାନେ ପରିତ୍ୟାଗ କରିଦେଲେ । ଅପର ପକ୍ଷରେ ମୁସଲମାନମାନଙ୍କ ମନରେ ଶତ୍ରୁକୁ ପରାସ୍ତ କରିବାର ଯେଉଁ ଉତ୍ସାହ ରହିଥିଲା ତାହା କ୍ରମଶଃ ବୃଦ୍ଧି ପାଇଲା ଏବଂ ଦୁର୍ଗର ଘେରାଉ ଦୀର୍ଘ ହୋଇ ଚାଲିଲା । ହ. ଖାଲିଦ୍ ର.ଅ ଦମିଶ୍କ୍ ଦୁର୍ଗରେ ପ୍ରବେଶ କରିବାର ଏହି ବାଟ ବାହାର କଲେ ଯେ, ସେ କେତେକ ଦଉଡ଼ି ଏକତ୍ରିତ କରି ପାଚେରୀରେ ଓହ୍ଲାଇଲେ ଏବଂ ସେହି ପାଚେରୀରେ ଥିବା ଗୁମ୍ବଜରେ ଫାସ ଲଗାଇଲେ । ଏହା ନିଶୁଣି ପରି କାମ ଦେଲା। ଏହି କୌଶଳକୁ ଅବଲମ୍ବନ କରି ଇସ୍‌ଲାମୀୟ ସୈନ୍ୟବାହିନୀ ଦମିଶ୍କରେ ପ୍ରବେଶ କଲା । ଚତୁର୍ଦିଗରେ ଇସ୍‌ଲାମୀୟ ସେନାପତିଗଣ ନଗର ମଧ୍ୟରେ ପରସ୍ପରକୁ ସାକ୍ଷାତ୍ କଲେ । ଯଦିଓ ହ. ଖାଲିଦ୍ ର.ଅ ଦମିଶ୍କର କେତେକ ଭାଗକୁ ଯୁଦ୍ଧ କରି ବିଜୟ କରିଥିଲେ । କିନ୍ତୁ ହ. ଅବୁ ଉବୈଦାହ୍ ଅନ୍ୟ ଅଞ୍ଚଳରେ ସନ୍ଧି କରି ନେଇଥିଲେ । ତେଣୁ ବିଜିତ ଅଞ୍ଚଳରେ ମଧ୍ୟ ସନ୍ଧି ସର୍ତ୍ତକୁ ଗ୍ରହଣ କରି ନିଆଗଲା।

ହୁଜୁର ଅନୱର୍ ଅ.ବ କହିଲେ; ହ. ଅବୁ ବକର ର.ଅଙ୍କ ଜୀବନୀର ଅବିଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା କରିବି । ଖୁତ୍‌ବାର ଶେଷ ପର୍ଯ୍ୟାୟରେ ହୁଜୁର୍ ଅନୱର୍ ଅ.ବ ଦକ୍ଷିଣ ପାଲେଷ୍ଟାଇନ୍‌ର ପୂର୍ବତନ ସଦର୍ ଜମାଅତ୍ ସମ୍ମାନନୀୟ ସ୍ୱର୍ଗତ ଉମର୍ ଅବୁ ଅର୍କୁବ୍ ସାହେବ, ପାକିସ୍ତାନର ସିନ୍ଧ୍ ଜିଲ୍ଲାର ମଠୀ ଅଞ୍ଚଳ ଅନ୍ତର୍ଗତ ସର୍ବପ୍ରଥମ ଅହେମଦି ସମ୍ମାନନୀୟ ସ୍ୱର୍ଗତ ଶେଖ୍ ନାସିର୍ ସାହେବ ଅଫ୍ ଥର୍ପାର୍କର, ଓ ୱକ୍‌ଫେ ଜଦିଦ୍‌ର ପୂର୍ବତନ ମୁଅଲ୍ଲିମ୍ ସିଲ୍‌ସିଲା ସମ୍ମାନନୀୟ ମଲକ୍ ସୁଲ୍‌ତାନ୍ ଅହେମଦ୍ ସାହେବ, ସେହିପରି ପାକିସ୍ତାନର ବାହାଉଦ୍ଦୀନ ମଣ୍ଡି ଜିଲ୍ଲା ଅନ୍ତର୍ଗତ ସାଆଦୁଲ୍ଲାଃ ପୁରର ସମ୍ମାନନୀୟ ମେହବୁବ୍ ଅହେମଦ ରାଜିକୀ ସାହେବଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ଜୁମା ନମାଜ ପରେ ଏମାନଙ୍କର ନମାଜ୍ ଯନାଜାଃ ଗାଏବ୍ ପଢେଇବାର ଘୋଷଣା ମଧ୍ୟ କଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ଯହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ଯୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜ୍ଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟକୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍।**

....................................

KHULASA KHUTBA JUMA HUZOOR ANWAR a.b.a

2nd Sept. 2022